EASTERN MEDIA LIMITED

SAMBAD

ସମ୍ବାଦ

# ବିଶ୍ୱ ଶିଶୁ ଦିବସ ପାଳିତ

ଅସୁରାଳି, ୨୧/୧୧(ଇମିସ): କମଳାପୁର ସ୍ଥିତ ନେହରୁ ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ସଂଗଠନ ନବଜୀବନ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଶରତ ଚନ୍ଦ୍ର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥି ରୂପେ ଦଶରଥପୁର ବ୍ଲକ ବିଆରସିସି ଅନ୍ନଦା ପ୍ରସାଦ




ତ୍ରିପାଠୀ, ସିଆରସିସି ଏସକେ କମରୁଦ୍ଦିନ, ନବଜୀହନ ଫାଉଣ୍ଡେସନର ରାଜ୍ୟ ସଂପାଦକ ଅଜିତ କୁମାର ରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ଦିଆଯାଇଥିଲା। ଫାଉଣ୍ଡେସନର ରାଜ୍ୟ ଶାଖା ସଭାପତି ମାନସ ରଂଜନ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ମନୋଜ ରଣା, ତପନ ସାହୁ, ପ୍ରଭାକର ସାହୁ, ଆଶିଷ ରାଉତ, ପ୍ରଭାତ ରାଉତ ଓ ଚିରଂଜୀବ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।